# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 November – 2025

********************************

## ମୁଖ୍ୟ ସମ୍ବାଦ

- ସମ୍ବାଦପତ୍ରର ସ୍ୱାଧୀନତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ପ୍ରେସ୍ ଦିବସ
- କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ରାଜ୍ୟ ସରକାର
- ସଡକ ଦୁର୍ଘଟଣା ଏବଂ ମୃତ୍ୟୁ ହ୍ରାସ କରିବା ଲକ୍ଷ୍ୟରେ ଆଜିଠାରୁ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯାଉଛି

ଏବଂ

- ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିବ ଶୀତର ପ୍ରଭାବ

# ଜାତୀୟ ପ୍ରେସ୍ ଦିବସ

ଦେଶରେ ଆଜି ବିଭିନ୍ନ ସରକାରୀ ଓ ବେସରକାରୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଜାତୀୟ ପ୍ରେସ୍ ଦିବସ  ପାଳନ କରୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏବଂ ସମାଜରେ ସାମ୍ବାଦିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବ୍ରିଟିଶ ଶାସନ ସମୟରୁ ଆରମ୍ଭ କରି ଅଦ୍ୟାବଧି ଭାରତୀୟ ପ୍ରେସ୍ ବା ଗଣମାଧ୍ୟମର ଭୂମିକା ସର୍ବଦା ଉଚ୍ଚରେ ରହିଛି। ସାମ୍ବାଦିକମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ ଏବଂ ଏକ ମୁକ୍ତ ଗଣମାଧ୍ୟମ, ସୁସ୍ଥ ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗଣମାଧ୍ୟମର ଗୁରୁତ୍ୱକୁ ଦୃଷ୍ଟିରେ ରଖି ୧୯୬୬ ମସିହା ଆଜିର ଦିନରେ ପ୍ରେସ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ ବାର ଭାରତୀୟ ପ୍ରେସ୍ ପରିଷଦ ଗଠନ କରାଯାଇଥିଲା। ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ ପରିଷଦ ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ । ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ କାର୍ଯ୍ୟ କରିଥାଏ । 'ଡିଜିଟାଲ୍ ଯୁଗରେ ଭାରତର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ କରିବା' ପ୍ରସଙ୍ଗରେ ଚଳିତ ବର୍ଷର ଆଜିର ଦିବସ ପାଳନ କରାଯାଉଛି ।

ପ୍ରେସ୍ ଦିବସ ପାଳନ ଅବସରରେ ଆକାଶବାଣୀକୁ ସ୍ୱତନ୍ତ୍ର ସାକ୍ଷାତକାରରେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନର ପ୍ରଫେସର **ମୃଣାଳ ଚାଟାର୍ଜୀ** କହିଛନ୍ତି....

**- V/O -**

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ପ୍ରେସ୍‌ର ସ୍ୱାଧୀନତା, ସ୍ୱତନ୍ତ୍ରତା ଏବଂ ସାମ୍ବାଦିକମାନଙ୍କର ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ସେମାନଙ୍କର ଭୂମିକାକୁ ନେଇ ଆଲୋଚନା ଚକ୍ର ଆୟୋଜିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସମ୍ମିଳନୀ କକ୍ଷରେ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ସାମ୍ବାଦିକ ସଂଘର ସଭାପତି ଗୋରେଖ ନାଥ ସାହୁ ଏଥିରେ ଯୋଗଦେଇ ପ୍ରେସ୍ ଦିବସର ଅନୁଚିନ୍ତା ଓ ଦେଶରେ ବିକାଶରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।

**ନବରଙ୍ଗପୁର** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ ।

**ବଲାଙ୍ଗିର** ଜିଲ୍ଲା ସାମ୍ବାଦିକ ସଂଘ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନରେ ଜାତୀୟ ପ୍ରେସ୍ ଦିବସ ଆୟୋଜିତ ହୋଇଯାଇଛି ।  ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଏ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗଦେଇ ପ୍ରେସ୍ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

**ଭଦ୍ରକ** ସଂସ୍କୃତିଭବନଠାରେ ଆୟୋଜିତ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ସମସ୍ୟାକୁ  ଲୋକଲୋଚନକୁ ଆଣିବା ପାଇଁ ସାମ୍ବାଦିକମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ଭୁବନେଶ୍ୱର ଜୟଦେବ ଭବନରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ।

# ପ୍ରେସ୍ ଦିବସ-୨

**ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରେସ୍ ଦିବସରେ ବିଧାୟକ ଆପଲୁ ସ୍ୱାମୀ କାଡ୍ରାକା ଯୋଗଦେଇ ପ୍ରେସ୍ ସ୍ୱାଧୀନତା ଏବଂ ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

**ବରଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ଭୂମିକା ଏବଂ ସାମ୍ବାଦିକମାନଙ୍କର ଜାଗ୍ରତ ପ୍ରହରୀ ଦୃଷ୍ଟି ଉପରେ ଆଲୋଚନା

କରିଥିଲେ।  ସମାଜର ବିକାଶ ସହିତ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସତ୍ୟ ଓ ନିରପେକ୍ଷ ଏବଂ ନୀତି ସମ୍ପନ୍ନ ସାମ୍ବାଦିକତା ପ୍ରତି ଲଗାତାର ପ୍ରୟାସ କରି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ସାମ୍ବାଦିକମାନଙ୍କୁ କହିଥିଲେ।

## ପରିକ୍ରମା ପ୍ରକଳ୍ପ

କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ,  ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଭୁବନେଶ୍ୱରଠାରେ  ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ପରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇ କହିଛନ୍ତି, ମନ୍ଦିର ସେବକ, ଟ୍ରଷ୍ଟ ବୋର୍ଡ, ସ୍ଥାନୀୟ ଲୋକ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା ପରେ ଖୁବ୍ ଶୀଘ୍ର ପ୍ରକଳ୍ପ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

**- V/O - (ପୃଥ୍ୱୀରାଜ ହରିଚନ୍ଦନ)**

ଚଳିତ ଆର୍ଥିକବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଣ୍ଡାମେଣ୍ଟ କମିଶନର ବୈଠକରେ ଉପସ୍ଥିତ ଥିଲେ।

## ଶୂନ୍ୟ ମୃତ୍ୟୁପକ୍ଷ

ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ନେଇ ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶୂନ୍ୟ ମୃତ୍ୟୁପକ୍ଷ ପାଳନ କରାଯାଉଛି । ଟ୍ରାଫିକ୍ ନିୟମର ସଠିକ୍ ପାଳନ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଉଲ୍ଲଙ୍ଘନ କ୍ଷେତ୍ରରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି, ପ୍ରବର୍ତ୍ତନ, ବୈଷୟିକ, ଶିକ୍ଷା ଏବଂ ଜରୁରୀକାଳୀନ ଚିକିତ୍ସାକୁ ଆଧାର କରି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସଡକ ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ସମୟରେ ସଡକ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଦୁର୍ଘଟଣାପ୍ରବଣ ରାସ୍ତାଗୁଡ଼ିକ ଉପରେ ବିଶେଷ ନଜର ରଖାଯିବ। ଦୁର୍ଘଟଣା ହ୍ରାସ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ଜାରି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

ପକ୍ଷ ପାଳନର ପ୍ରସ୍ତୁତି ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ୍ ଠାକୁରଙ୍କ ସହ ଅଲୋଚନା କରିଛନ୍ତି ।

## ୟୁଜିସି-କ୍ୟାମ୍ପସ୍ କଲିଂ

ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ସମସ୍ତ

ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ସମସ୍ତ ଶିକ୍ଷାନୁଷ୍ଠାନରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଆଇନ୍-୨୦୧୩ (ପୋଷ୍ ଆଇନ୍)ର ପ୍ରଭାବଶାଳୀ କାର୍ଯ୍ୟକାରିତା ନେଇ ୟୁଜିସି ନିର୍ଦ୍ଦେଶ ଦେଇଛି। ଜାତୀୟ ମହିଳା ଆୟୋଗ ଓ ଯୁବମନ୍ଥନ ସହାୟତାରେ କ୍ୟାମ୍ପସ୍ କଲିଂ ଅଭିଯାନ କରିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ଅଧୀନରେ ମହିଳା ସଶକ୍ତୀକରଣ, ଲିଙ୍ଗଗତ ସଚେତନତା ଓ ପୋଷ୍ ୨୦୧୩ ସମ୍ପର୍କରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯିବ। ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନରେ ୪ ଜଣ କ୍ୟାମ୍ପସ୍ ରାଷ୍ଟ୍ରଦୂତଙ୍କୁ ମନୋନିତ କରାଯିବ। ଏଥିସହିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନ୍ତରୀଣ ଅଭିଯୋଗ କମିଟି-ଆଇସିସି ଗଠନକୁ ବାଧ୍ୟତାମୂଳକ କରାଯାଇଛି।

## ପଥୋତ୍ସବ

ଭୁବନେଶ୍ୱରରେ ଆସନ୍ତା ଡିସେମ୍ବର ଶେଷ ସପ୍ତାହରୁ ପଥୋତ୍ସବ ଆରମ୍ଭ ହେବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ନାଚ, ଗୀତ, ଚିତ୍ରାଙ୍କନ, ସ୍କେଟିଂ ସହ ବିଭିନ୍ନ ପ୍ରକାର କ୍ରୀଡା କୌତୁକ ପ୍ରଦର୍ଶନ କରାଯିବ। ଏ ନେଇ ବିଏମ୍‌ସି କମିଶନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଡିସେମ୍ବର ଶେଷ ସପ୍ତାହ ଏବଂ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ଏହିସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ଟି ଜୋନ୍‌ରେ ଗୋଟିଏ ଲେଖାଏଁ ପଥୋତ୍ସବ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

## ସମବାୟ ନୀତି

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତାକାଲି ରାଜ୍ୟ ସମବାୟ ନୀତି ୨୦୨୫ର ଚୂଡାନ୍ତ ପ୍ରକ୍ରିୟା ସମ୍ପର୍କିତ ଆଲୋଚନାଚକ୍ର ଓ

ମତାମତ ଗ୍ରହଣ କରାଯିବ। ସମବାୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ରାଜ୍ୟର ବିଶିଷ୍ଟ ସମବାୟବିତ୍, ସମବାୟ କର୍ମକର୍ତ୍ତା, ଶିକ୍ଷାବିତ୍, ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିବେ। ଚିଠା ସମବାୟ ନୀତି ୨୦୨୫ ସମ୍ପର୍କରେ ଏଥିରେ ମତାମତ ଗ୍ରହଣ କରାଯିବ ବୋଲି ସମବାୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ରାଜ୍ୟର ଆଭ୍ୟନ୍ତରୀଣ, ପଶ୍ଚିମ ଓ ଦକ୍ଷିଣ ଅଂଚଳଗୁଡ଼ିକରେ ଶୀତର ପ୍ରଭାବ ଜାରି ରହିବ। ସୂଚନା ଅନୁସାରେ, ଗତ ଦୁଇଦିନ ଧରି

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି ।

ଗତକାଲି ଦାରିଙ୍ଗବାଡିରେ ରାତିର ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ୍ ଥିଲା। ଫୁଲବାଣୀରେ ୯ ଦଶମିକ ୫ ଡିଗ୍ରୀ, ରାଉରକେଲାରେ ୧୦ ଦଶମିକ୍ ୨ ଡିଗ୍ରୀ ଏବଂ ଝାରସୁଗୁଡ଼ାରେ ୧୦ ଦଶମିକ ୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା।

ମଙ୍ଗଳବାର ପରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଦେଖାଦେବ ଏବଂ ରାତିର ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିବାଗ ବିଭାଗ ଅନୁମାନ କରିଛି।